# NATIONAL NEWS BULLETIN (ODIA)

**28 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କ୍ରୀଡ଼ା ଏବଂ ବିଜ୍ଞାନ ଆଦି ବିଭିନ୍ନ କ୍ଷେତ୍ରରେ ଚଳିତବର୍ଷ ଭାରତ ବିଶ୍ୱସ୍ତରରେ ନିଜର ସ୍ଥିତିକୁ ଦୃଢ଼ କରିଛି - କହିଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ କଲେ ସମ୍ବୋଧନ ।

- କର୍ଣ୍ଣାଟକସ୍ଥିତ କରୱାର ନୌସେନା ଘାଟୀରେ ବୁଡ଼ାଜାହାଜରେ ଯାତ୍ରାକଲେ ରାଷ୍ଟ୍ରପତି ।

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି ପଞ୍ଚମ ଜାତୀୟ ମୁଖ୍ୟଶାସନ ସଚିବ ସମ୍ମିଳନୀ ।

ଏବଂ

- ଭାରତ-ଶ୍ରୀଲଙ୍କା ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ର ଆଜି ବିଶାଖାପାଟଣାଠାରେ ଖେଳାଯିବ ଚତୁର୍ଥ ମ୍ୟାଚ୍ ।

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଚଳିତ ୨୦୨୫ ବର୍ଷ ଆମକୁ ଏଭଳି ଅନେକ ମୁହୂର୍ତ୍ତ ପ୍ରଦାନ କରିଛି ଯାହାକୁ ନେଇ ପ୍ରତ୍ୟେକ ଭାରତବାସୀ ଗର୍ବିତ ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା ଏବଂ ବିଜ୍ଞାନ ପ୍ରୟୋଗଶାଳା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଭାରତ ନିଜ ସ୍ଥିତିକୁ ଦୃଢ଼

କରିଛି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଅପରେସନ ସିନ୍ଦୂର ଚଳିତବର୍ଷ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି । ସୁରକ୍ଷା ସହିତ ଭାରତ ସାଲିସ୍ କରେ ନାହିଁ ବୋଲି ବିଶ୍ୱକୁ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରାଯାଇଛି । ସେ କହିଛନ୍ତି ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଇଁ ପ୍ରତ୍ୟେକ ଦେଶବାସୀ ସମାନ ମନୋଭାବ ଏବଂ ଉତ୍ସାହ ପ୍ରଦର୍ଶନ କରିଛନ୍ତି । **#Bande Mataram150** ପୋର୍ଟାଲରେ ବାର୍ତ୍ତା ଏବଂ ପରାମର୍ଶ ପଠାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

କ୍ରୀଡ଼ା ଦୃଷ୍ଟିରୁ ମଧ୍ୟ ଚଳିତବର୍ଷ ଅନେକ ସୁଖଦ ମୁହୂର୍ତ୍ତ ଆଣିଦେଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଆଇସିସି ଚମ୍ପିଆନ୍ସ ଟ୍ରଫି ଟାଇଟଲ ହାସଲ, ମହିଳା କ୍ରିକେଟ ଦଳ ପ୍ରଥମଥର ପାଇଁ ବିଶ୍ୱକପ୍ ଜିତିବା ଏବଂ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଟି-୨୦ ବିଜୟୀ ହେବା ଇତିହାସ ସୃଷ୍ଟି କରିଛି ।

ବିଶ୍ୱ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ପାରା ଆଥ୍‌ଲେଟ୍‌ଙ୍କ ପଦକ ଜିତିବାକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି ।

ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ଭାରତ ଚଳିତବର୍ଷ ନିଜର ଉତ୍କର୍ଷ ପ୍ରତିପାଦନ କରିଛି । ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିଥିଲେ । ପରିବେଶ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତରେ ଚିତାବାଘଙ୍କ ସଂଖ୍ୟା ୩୦ରୁ ଅଧିକ ହୋଇଛି । ବର୍ଷ ଆରମ୍ଭରେ ପ୍ରୟାଗରାଜର ମହାକୁମ୍ଭ ମେଳାର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱାସ, ସଂସ୍କୃତି ଏବଂ ଭାରତର ଅନନ୍ୟ ଐତିହ୍ୟର ଚଳିତବର୍ଷ ସମନ୍ୱୟ ଘଟିଛି । ବର୍ଷ ଶେଷଭାଗରେ ଅଯୋଧ୍ୟା

ରାମମନ୍ଦିରରେ ଧ୍ୱଜାରୋହଣ ସମାରୋହ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି ।

ସ୍ୱଦେଶୀ ପ୍ରତି ଲୋକଙ୍କ ଉତ୍ସାହ ବୃଦ୍ଧି ପାଉଥିବା ନେଇ ଶ୍ରୀ ମୋଦୀ ସନ୍ତୋଷବ୍ୟକ୍ତ କରିଛନ୍ତି । ବିକଶିତ ଭାରତ ସ୍ୱପ୍ନ ପୂରଣ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

**V/O (PM-Swedeshi)**

ବିଶ୍ୱସ୍ତରରେ ଭାରତ ଉପରେ ଆଶା ଏବଂ ବିଶ୍ୱାସ ବୃଦ୍ଧିପାଇଛି । ଏହାର ପ୍ରମୁଖ କାରଣ ହେଉଛି ଭାରତର ଯୁବଶକ୍ତି । ବିଜ୍ଞାନ, ଉଦ୍ଭାବନ ଓ ପ୍ରଯୁକ୍ତିବିଦ୍ୟା ପ୍ରସାର କ୍ଷେତ୍ରରେ ଭାରତର ସଫଳତା ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବିକଶିତ ଭାରତ ଯୁବନେତୃତ୍ୱ ଆଲୋଚନାର ଦ୍ୱିତୀୟ ସଂସ୍କରଣର ଆୟୋଜନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତାମାସ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଜାତୀୟ ଯୁବ ଦିବସ ପାଳନ ଅବସରରେ ଏହାର ଆୟୋଜନ କରାଯିବ ।

**V/O (PM-Youth Day)**

ନିକଟରେ ଶେଷ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ୮୦ରୁ ଅଧିକ ସରକାରୀ ବିଭାଗର ୨୭୦ରୁ ଊର୍ଦ୍ଧ୍ୱ ସମସ୍ୟା ସମାଧାନ ଦିଗରେ ଏହି ଅବସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନେ ଟ୍ରାଫିକ ସମ୍ବନ୍ଧୀୟ ସମସ୍ୟା ଭଳି ଦୈନନ୍ଦିନ ଜୀବନର ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ସମାଧାନର ପନ୍ଥା ଉପସ୍ଥାପନ କରିଥିଲେ । ଗତ ୮ ବର୍ଷ ମଧ୍ୟରେ ୧୩ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନ ସ୍ମାର୍ଟ ଇଣ୍ଡିଆ ହାକାଥନରେ ଅଂଶଗ୍ରହଣ କରିଛନ୍ତି । ପରବର୍ତ୍ତୀ ପୀଢ଼ି ଭାରତୀୟ

ସଂସ୍କୃତିର ମୂଳ ଆଧାର ଭିତ୍ତିରେ ନୂତନ ଚିନ୍ତାଧାରା ଏବଂ ପଦ୍ଧତିର ସହ ଆଗକୁ ବଢୁଥିବା ନେଇ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

ଆସନ୍ତାମାସରେ ଭାରତ ୭୭ତମ ଗଣତନ୍ତ୍ରଦିବସ ପାଳନ କରିବ । ଦେଶକୁ ସ୍ୱାଧୀନ କରିବାରେ ପ୍ରତ୍ୟେକ ପ୍ରାନ୍ତର ଲୋକଙ୍କର ଅବଦାନ ରହିଥିଲେ ମଧ୍ୟ ଅନେକଙ୍କୁ ସେମାନଙ୍କୁ ପ୍ରକୃତ ସମ୍ମାନ ମିଳିନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସେ ଓଡ଼ିଶାର ପାର୍ବତୀ ଗିରିଙ୍କ ଉଦାହରଣ ପ୍ରଦାନ କରିଛନ୍ତି ।

**V/O (PM-Freedom Fighter)**

ପ୍ରଧାନମନ୍ତ୍ରୀ ଫିଜିରେ ଭାରତୀୟ ଭାଷା ଏବଂ ସଂସ୍କୃତିର ପ୍ରସାର ପାଇଁ ଗ୍ରହଣ କରାଯାଇଥିବା ପ୍ରଶଂସନୀୟ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଚଳିତବର୍ଷର ବାରାଣାସୀରେ କାଶୀ-ତାମିଲ ସଂଗମ ପାଳନ ସମୟରେ ତାମିଲ ଶିଖିବା ଉପରେ ଗୁରୁତ୍ୱପ୍ରଦାନ କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶେଷରେ ପ୍ରଧାନମନ୍ତ୍ରୀ ସୁସ୍ଥ ଜୀବନଶୈଳୀ ଆପଣେଇବା ଏବଂ ଫିଟ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

# ପ୍ରେସିଡେଣ୍ଟ-କର୍ଣ୍ଣାଟକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କର୍ଣ୍ଣାଟକସ୍ଥିତ କରୱାର ନୌସେନା ଘାଟୀରେ ଏକ ବୁଡ଼ା ଜାହାଜରେ ଯାତ୍ରା କରିଛନ୍ତି । ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ, ରାଷ୍ଟ୍ରପତିଙ୍କ ସହିତ ଆଇଏନ୍ଏସ୍ ବାଘ୍ସିର୍ କଲ୍ଭାରି ଶ୍ରେଣୀର ଏହି ବୁଡା ଜାହାଜରେ ଯାତ୍ରା କରିଛନ୍ତି । କଲ୍ଭାରି ଶ୍ରେଣୀର ବୁଡାଜାହଜରେ ରାଷ୍ଟ୍ରପତି ଏହା ପ୍ରଥମ ଯାତ୍ରା

ହୋଇଥିବାବେଳେ ଡକ୍ଟର ଏପିଜେ ଅବଦୁଲ କଲାମ ପରେ ସେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହୋଇଛନ୍ତି । ୨୦୦୬ ମସିହାରେ ଡକ୍ଟର କଲାମ ବିଶାଖାପଟନମଠାରେ ଏକ ବୁଡ଼ାଜାହାଜରେ ପ୍ରଥମଥର ପାଇଁ ଯାତ୍ରା କରିଥିଲେ । ଗୋଆରୁ ଆସି ରାଷ୍ଟ୍ରପତି ଆଜି କରୱାରରେ ପହଞ୍ଚିବା ପରେ କର୍ଣ୍ଣାଟକ ରାଜ୍ୟପାଳ ଥାୱର ଚନ୍ଦ୍ର ଗେହଲଟ ତାଙ୍କୁ ସ୍ୱାଗତ କରିଥିଲେ । ଗତକାଲିଠାରୁ ରାଷ୍ଟ୍ରପତି ଗୋଆ, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡକୁ ୪ ଦିନିଆ ଗସ୍ତରେ ଅଛନ୍ତି ।

## ପି.ଏମ୍. - ଚିଫ୍ ସେକ୍ରେଟାରୀଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜିମଧ୍ୟ ନୂଆଦିଲ୍ଲୀରେ ମୁଖ୍ୟ ଶାସନ ସଚିବଙ୍କ ପଞ୍ଚମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏହି ତିନିଦିନିଆ ସମ୍ମିଳନୀ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହାର ଉଦ୍ଦେଶ୍ୟ ହେଉଛି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରିତାକୁ ସୁଦୃଢ଼ କରି ଏକ ସଙ୍ଗଠିତ ଓ ସମାବେଶୀ ଆଲୋଚନା ଜରିଆରେ ଜାତୀୟ ବିକାଶକୁ ପ୍ରାଧାନ୍ୟ ଦେବା । କେନ୍ଦ୍ର ଏବଂ ରାଜ୍ୟ ସହଯୋଗରେ ଦେଶର ମାନବ ସମ୍ବଳ ସାମର୍ଥ୍ୟ ବୃଦ୍ଧି ଏବଂ ଭବିଷ୍ୟତ ବିକାଶକୁ ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ସଂଘୀୟ ସହଯୋଗ ଦୃଷ୍ଟିକୋଣକୁ ପୂର୍ଣ୍ଣ ରୂପ ଦେବା ଲାଗି ସମ୍ମିଳନୀରେ ଆଲୋଚନା ହୋଇଛି । ବିକଶିତ ଭାରତ ଲାଗି ମାନବ ସମ୍ବଳ ପ୍ରସଙ୍ଗକୁ ନେଇ ସମ୍ମିଳନୀରେ

ଆଲୋଚନା ହେବା ସହ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକପାଇଁ ସର୍ବୋତ୍ତମ ବ୍ୟବସ୍ଥା ଆପଣେଇବା ଲାଗି ସହମତି ପ୍ରକାଶ ପାଇଛି । ମୁଖ୍ୟତଃ ପ୍ରାରମ୍ଭିକ ଶିଶୁଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ଆଲୋଚନା କରାଯାଉଛି ।

## ଓଡ଼ିଶା-ଜଗନ୍ନାଥ ଟେମ୍ପୁଲ

ନବବର୍ଷ ଆଗମନ ସହିତ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଛି । ଆସନ୍ତା ବୁଧବାର ଏବଂ ଗୁରୁବାର ଦିନ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କର ଦର୍ଶନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ଦିର ପରିସରରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ବାରିକେଡ ନିର୍ମାଣ କରାଯାଇଛି । ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହିତ ଅନ୍ୟ ୩ଟି ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ମନ୍ଦିର ଅଞ୍ଚଳ ଠାରୁ ସମୁଦ୍ର ବେଳାଭୂମି ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ବାଂଲାଦେଶ-ମାଇନରସିଟି ରାଇଟ୍ସ

ବାଂଲାଦେଶରେ ଆସନ୍ତା ଫେବୃୟାରୀ ୧୨ ତାରିଖରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ବାଂଲାଦେଶ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିୟାନ ୟୁନିଟି ପରିଷଦର

ନେତୃମଣ୍ଡଳୀ ଧାର୍ମିକ ସଂଖ୍ୟାଲଘୁଙ୍କ ଅଧିକାର ଏବଂ ସୁରକ୍ଷାକୁ ନେଇ ନିର୍ବାଚନୀ ଇସ୍ତାହାରରେ ସ୍ପଷ୍ଟ ମତ ଉପସ୍ଥାପନ କରିବାକୁ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି । ପରିଷଦ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରୁ ଜଣାପଡିଛି ଯେ ଗତ ୧୧ ମାସ ମଧ୍ୟରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତିକମ୍‌ରେ ୨ହଜାର ୬୭୩ଥର ଆକ୍ରମଣ ହୋଇଛି । ୯୦ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ରାଜନୈତିକ ଚିନ୍ତାଧାରାରେ ଧାର୍ମିକ ଭାବନାର ବୃଦ୍ଧି ପାଉଥିବା ବ୍ୟବହାର ସାମାଜିକ ସଂହତିକୁ ଦୁର୍ବଳ କରିବା ସହିତ ଅବାଧ ତଥା ନିରପେକ୍ଷ ନିର୍ବାଚନକୁ ପ୍ରଭାବିତ କରିପାରେ ବୋଲି ପରିଷଦର ନେତୃମଣ୍ଡଳୀ ଆଶଙ୍କାବ୍ୟକ୍ତ କରିଛନ୍ତି । ମତଦାନ ପୂର୍ବରୁ ଏବଂ ଭୋଟ୍‌ଗ୍ରହଣ ଦିନ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ପରିଷଦ ମଧ୍ୟବର୍ତ୍ତୀକାଳୀନ ସରକାରକୁ ଆହ୍ୱାନ ଦେଇଛି ।

## ୱିମେନ୍‌ସ କ୍ରିକେଟ୍

ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ର ଆଜି ଚତୁର୍ଥ ମ୍ୟାଚ୍ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କେରଳର ଥିରୁବନନ୍ତପୁରମସ୍ଥିତ ଗ୍ରୀନ୍ ଫିଲ୍‌ଡ୍ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ସିରିଜ୍‌ରେ ଭାରତୀୟ ମହିଳା ଦଳ ୩-୦ରେ ଆଗୁଆ ଅଛନ୍ତି । ଆସନ୍ତା ମଙ୍ଗଳବାର ଦିନ ଏହି

ଷ୍ଟାଡିୟମ୍‌ରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ଗତ ଶୁକ୍ରବାର ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।